# Akashvani, Sambalpur

## SAMBALPURI NEWS EVENING BULLETIN

**17 March 2024- 7.02 pm- 7.12 pm.**

*******************************************

୧- ରାଏଜେ ନିର୍ବାଚନକେ ସ୍ୱଚ୍ଛ, ମୁକ୍ତ, ଅବାଧ ଆର୍ ନିରପେକ୍ଷ କରବାର୍‌କେ ୨୨ ହଜାର ୬ଶହ ୮୫ଟା ପୁଲିଂ ବୁଥ୍ ନ କରାଯାଇଛେ ୱେବ୍‌କାଷ୍ଟିଂ ବ୍ୟବସ୍ଥା ।

୨- ସୁପ୍ରିମକୋର୍ଟ ରେଜିଷ୍ଟ୍ରିନୁ ମିଲିଥିବା ଇଲେକ୍ଟୋରାଲ ବଣ୍ଡର ଡିଜିଟାଇଜ୍ ଫର୍ମାଟ୍ ତଥ୍ୟକେ ତାଙ୍କର ୱେବ୍‌ସାଇଟ୍‌ଥି ଅପ୍‌ଲୋଡ୍ କରିଛନ୍ ନିର୍ବାଚନ ଆୟୋଗ ।

୩ - ଓଡ଼ିଶା ହାଇକୋର୍ଟ ନ ହେଲା ରାଷ୍ଟ୍ରୀୟ ଲୋକଅଦାଲତ ।

ଆଉର୍

୪- ରାଜ୍ୟର ୧୪ଟା ଜିଲ୍ଲାକେ କାଳବୈଶାଖୀ ଲାଗି ସତର୍କ କରେଇଛେ ପାଣିପାଗ କେନ୍ଦ୍ର ।

ସାଧାରଣ ନିର୍ବାଚନ/ ୱେବ୍‌କାଷ୍ଟିଂ ବ୍ୟବସ୍ଥା

ଆର୍‌ଏନ୍‌ୟୁ/ କଟକ

ଓଡ଼ିଶା ନ ନିର୍ବାଚନକେ ସ୍ୱଚ୍ଛ, ମୁକ୍ତ, ଅବାଧ ଆର୍ ନିରପେକ୍ଷ କର୍‌ବାର୍‌କେ ୨୨ ହଜାର ୬ଶହ ୮୫ଟା ମତଦାନ କେନ୍ଦ୍ର ବୁଥ୍ ନ

ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ । ସେ କହିଛନ୍ ଯେ, ଗଲା ୨୦୧୯ ସାଧାରଣ ନିର୍ବାଚନଥି ରାଜ୍ୟର ମାତରକ୍ ୧୦ ପ୍ରତିଶତ ବୁଥ୍ ନ ୱେବ୍ କାଷ୍ଟିଂ କରାଯାଇଥିଲା । ହେଲେ ଇଥର ୬୦ ପ୍ରତିଶତ ବୁଥ୍‌ଥି ୱେବ୍ କାଷ୍ଟିଂ ବ୍ୟବସ୍ଥା ହେଇଛେ । ୱେବ୍ କାଷ୍ଟିଂ ଉପ୍‌ରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲାପାଳ ଆର୍ ଏସ୍‌ପି ମାନ୍‌କର୍ ସିଧାସଳଖ ନଜର ରହେବା । ଯଦି ନିର୍ବାଚନ କାମ୍‌ଥି ଲାଗିଥିବା ଅଧିକାରୀ କେହେନି ପ୍ରକାରର ପକ୍ଷପାତିତା କର୍‌ବେ ବେଲେ ତାଙ୍କର ଉପ୍‌ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଆର୍ ଚାକିରୀନୁ ବହିଷ୍କାର କରାଯିବା । ସେ ଆହୁରି ସୂଚନା ଦେଇଛନ୍ ଯେ, ଇଥର ରାଏଜେ ପହେଲା ଥର ସାଧାରଣ ନିର୍ବାଚନ ଦାୟିତ୍ୱଥି ଥିବା ଅଧିକାରୀ, ଜରୁରୀକାଳୀନ ସେବାଥି ଲାଗିଥିବା ଅଧିକାରୀ ଆର୍ କର୍ମଚାରୀ ସେମାନେ କାମ୍ କରୁଥିବା ଜାଗା ନ ରିଟର୍ଣ୍ଣିଂ ଅଫିସରଙ୍କର ତର୍‌ଫୁ ଥାପ୍‌ନା ହେଇଥିବା ସୁବିଧା କେନ୍ଦ୍ର ନ ଡାକ୍ ବେଲଟ୍ ଜିରଆଥି ଭୋଟ୍ ଦେଇ ପାର୍‌ବେ ।

-ଇଲେକ୍ଟୋରାଲ୍ ବଣ୍ଡ                                   ଏନ୍‌ଏସ୍‌ଡି

ସୁପ୍ରିମ୍‌କୋର୍ଟ ରେଜିଷ୍ଟ୍ରିନୁ ମିଳିଥିବା ଇଲେକ୍ଟୋରାଲ୍ ବଣ୍ଡ୍‌ର ଡିଜିଟାଇଜ୍ ଫର୍ମାଟ୍ ତଥ୍ୟକେ ଭାରତର ନିର୍ବାଚନ ଆୟୋଗ୍ ଆଏଜ୍ ତାଙ୍କ ୱେବସାଇଟ୍‌ଥି ଅପଲୋଡ୍ କରିଛନ୍ । ଲୁକେ

www.eci.gov.in/candidate-politicalparty
କେ ଯାଇ କରି ଇ ତଥ୍ୟ ଦେଖିପାରବେ ।

ନିର୍ବାଚନ ଆୟୋଗଙ୍କର ତରଫୁ କୁହାଯାଇଛେ ଯେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନ୍‌ସାରେ ରାଜନୈତିକ୍ ଦଲ୍ ମାନେ ଇଲେକ୍ଟୋରାଲ୍ ବଣ୍ଡ୍ ବାବ୍‌ଦେ ତଥ୍ୟ ଦେଇଥିଲେ । ଇ ତଥ୍ୟକେ ନାଇଁ ଖୁଲାଯାଇ କରି ସୁପ୍ରିମ୍‌କୋର୍ଟଙ୍କ ପାଖେ ଦାଖଲ୍ କରାଯାଇଥିଲା । ଗଲା ୧୫ ତାରିଖଥି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ୍ ଅନ୍‌ସାରେ, ସୁପ୍ରିମ୍‌କୋର୍ଟର ରେଜିଷ୍ଟ୍ରି ଗୁଟେ ପେନ୍‌ଡ୍ରାଇଭ୍‌ଥି ଇ ତଥ୍ୟର ଡିଜିଟାଲାଇଜ୍ ରେକର୍ଡ୍ ଆଉ ଦସ୍ତାବିଜ୍‌କେ ସିଲ୍ କଭର୍ କରି କରି ନିର୍ବାଚନ ଆୟୋଗଙ୍କୁ ଫିରେଇ ଦେଇଛନ୍ ।

ଭିନ୍ନକ୍ଷମ ଆଇକନ୍ ଏନ୍‌ଏସ୍‌ଡି

ନିର୍ବାଚନ ଆୟୋଗ ପାରା ଧନୁର୍ଦ୍ଧାରୀ ଆଉ ଅର୍ଜୁନ ପୁରସ୍କାରପ୍ରାପ୍ତ ଶୀତଲ ଦେବୀଙ୍କୁ ଜାତୀୟ ଭିନ୍ନକ୍ଷମ୍ ଆଇକନ୍ ଭାବେ ଘୋଷଣା କରିଛନ୍ । ଦିଲ୍ଲୀ ନ ହେଇଥିବା ଗୁଟେ ପ୍ରଦର୍ଶନୀ କ୍ରିକେଟ୍ ମେଚ୍‌ଥି ତାଙ୍କ ନାଁ ଘୋଷଣା କରାଯାଇଛେ ।

ମୁଖ୍ୟମନ୍ତ୍ରୀ/ ଅଭିଯୋଗ ଶୁଣାଣି ବନ୍ଦ ଆର୍‌ଏନ୍‌ୟୁ/ କଟକ

ଆଏବା ଲୋକସଭା ଆର୍ ବିଧାନସଭା ନିର୍ବାଚନ ଲାଗି ଆଦର୍ଶ ଆଚରଣ ବିଧି ଲାଗୁ ହେଇଥିବାର୍‌ନୁ ନିର୍ବାଚନ ପ୍ରକ୍ରିୟା ପୁରା

ହେବାର୍ ତକ୍ ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ ପ୍ରକୋଷ୍ଠ ନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ମୁଖ୍ୟମନ୍ତ୍ରୀଙ୍କର କାର୍ଯ୍ୟାଳୟ ତର୍‌ଫୁ ଇ ସୂଚନା ଦିଆଯାଇଛେ ।

ସମ୍ବଲପୁର/ ସାଧାରଣ ନିର୍ବାଚନ ସୂଚୀ

ଆର୍‌ଏନ୍‌ୟୁ/ ସମ୍ବଲପୁର

ନିର୍ବାଚନ ଆୟୋଗଙ୍କର ନିର୍ବାଚନ ସୂଚୀ ଅନ୍‌ସାରେ ସମ୍ବଲପୁର ଲୋକସଭା ଆସନ ଆର୍ ଇତାର୍ ଅଧିନଥି ଥିବା ସମ୍ବଲପୁର ଜିଲ୍ଲାର କୁଚିଣ୍ଡା-, ରେଙ୍ଗାଲି ଆଉ ସମ୍ବଲପୁର ଆର୍ ରେଢ଼ାଖୋଲ ବିଧାନସଭା ଆସନ, ଦେବଗଡ଼ ଜିଲ୍ଲାର ଦେବଗଡ଼ ବିଧାନସଭା ଆସନ, ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଆର୍ ଆଠମଲ୍ଲିକ୍ ବିଧାନସଭା ଆସନ ଲାଗି ଆଏବା ମଇ ୨୫ ତାରିଖ୍ ଦିନ ଭୋଟ ହେବା ।

ସୂଚନା ଅନ୍‌ସାରେ ସମ୍ବଲପୁର ଲୋକସଭା ଆସନ ଆର୍ ଇତାର୍ ଅଧିନ୍‌ଥି ଥିବା ବିଧାନସଭା ଆସନ୍‌ମାନ୍‌କର୍ ନିର୍ବାଚନ ଲାଗି ଆଏବା ଏପ୍ରିଲ୍ ୨୯ ତାରିଖ ଦିନ ଅଧିସୂଚନା ଜାରି ହେବାର୍ ସଙ୍ଗେ ସଙ୍ଗେ ପ୍ରାର୍ଥୀମାନ୍‌କର ମନୋନୟନ ପତ୍ର ଦାଖଲ୍ ମୂଲ୍ ହେବା । ମଇ ୬ ତାରିଖ୍ ତକ୍ ପ୍ରାର୍ଥୀପତ୍ର ଦାଖଲ୍ ହେଇପାର୍‌ବା, ୭ ତାରିଖ ପ୍ରାର୍ଥୀପତ୍ରର ଯାଂଚ କରାଯିବା । ମଇ

୯ ତାରିଖ ଭିତ୍‌ରେ କାଏମ୍ ଥିବା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନିଆଯାଇ ପାର୍‌ବା ।

ସମ୍ବଲପୁର ଜିଲ୍ଲା ନ ନିର୍ବାଚନ ପରିଚାଳନା ପ୍ରସ୍ତୁତି ବାବ୍‌ଦେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଆଏଜ୍ ଗୁଟେ ସାମ୍ବାଦିକ ସମ୍ମିଳନୀଥି ସୂଚନା ଦେଇ କରି କହିଛନ୍ ଯେ, ଜିଲ୍ଲା ନ ମୋଟ୍ ୮ ଲାଖ୍ ୧୩ ହଜାର ୪ ଶହ ୨୦ ଝନ୍ ମତଦାତା ପଂଜୀକୃତ ହେଇଛନ୍ । ସେମାନ୍‌କର୍ ଭିତ୍‌ରୁ ୪ ଲାଖ୍ ୯ ହଜାର ୪ଶହ ୫୮ ଝନ୍ ମହିଳା ଆର୍ ଅଣାଅଶୀ ଝନ୍ ତୃତୀୟ ଲିଙ୍ଗ ମତଦାତା ଅଛନ୍ । ଜିଲ୍ଲା ୧୮ ନୁ ୧୯ ବଛର୍ ବଏସର୍ ୧୮ ହଜାର ୫୮ ଝନ୍ ଆରୁ ୮୦ ବଛର୍ ନୁ ଅଏତ୍‌କା ବଏସର୍ ୧୪ ହଜାର ୭ଶହ ୫୪ ଝନ୍ ମତଦାତା ଅଛନ୍ । ସେ ଆହୁର ସୂଚନା ଦେଇଛନ୍ ଯେ, ଭୋଟ୍ ଲାଗି ଜିଲ୍ଲା ନ ୯ଶହ ୪୮ଟା ମତଦାନ କେନ୍ଦ୍ର କରାଯିବା । ସେଥୁ ମହିଳାମାନ୍‌କର ପରିଚାଳିତ ୧୨୨, ଯୁବକ୍‌ମାନ୍‌କର ପରିଚାଳିତ ୨୫ଟା, ଆଉ ଭିନ୍ନକ୍ଷମ ମାନ୍‌କର୍ ପରିଚାଳିତ ୪ଟା ମତଦାନ କେନ୍ଦ୍ର ସହେତେ ଶହେ ଅଣାନବେଟା ଆଦର୍ଶ ମତଦାନ କେନ୍ଦ୍ର କରାଯିବା । ଜିଲ୍ଲା ନ ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ଲାଗୁ କର୍‌ବାର୍‌କେ ଜିଲ୍ଲାସ୍ତରୀୟ ମୋଡ଼େଲ କୋର୍ଡ ମନିଟରିଂ କମିଟି ତୁର୍‌ତି କାମ୍ ମୂଲ୍ କରିଛେ ବଲି ଜିଲ୍ଲାପାଳ କହିଛନ୍ । ସମ୍ବଲପୁର ଜିଲ୍ଲା ନ ନିର୍ବାଚନ ପରିଚାଳନା ଲାଗି ୬ ହଜାର ୮ଶହ ୪ ଝନ୍ ଅଧିକାରୀ ଆର୍ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛେ ବଲି ଜିଲ୍ଲାପାଳ ଶ୍ର ଅଗ୍ରୱାଲ ସୂଚନା ଦେଇଛନ୍ । ସାମ୍ବାଦିକ ସମ୍ମିଳନୀଥି ଏସ୍‌ପି ମୁକେଶ କୁମାର ଭାମୁ ଭିଲ୍ ଉପସ୍ଥିତ ଥିଲେ ।

ରାଷ୍ଟ୍ରୀୟ ଲୋକ ଅଦାଲତ　　　　　ଆର୍‌ଏନ୍‌ୟୁ/ କଟକ

ଓଡ଼ିଶା ହାଇକୋର୍ଟ ନ ଆଏଜ୍ ରାଷ୍ଟ୍ରୀୟ ଲୋକ ଅଦାଲତ ହେଇଯାଇଛେ । ହେଥି ୧୩୩ଟା ବୀମା ମାମଲା ସହେତେ ଭିନ୍ ଭିନ୍ ବେଙ୍କ ଆରୁ ଫୌଜଦାରୀ ମାମଲାର୍ ଫଇସଲା କରାଯାଇଥିଲା । ମୋଟ୍ ୯ କୋଟି ୧୫ ଲକ୍ଷ ୯୪ ହଜାର ୨ଶହ ଟଙ୍କା ଭର୍‌ନା ବାବ୍‌ଦେ ଆଦେଶ ହେଇଥିଲା । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ, ବିଚାରପତି ଡକ୍ଟର ଜଷ୍ଟିସ୍ ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ, ଜଷ୍ଟିସ୍ ଅରିନ୍ଦମ୍ ସିନ୍‌ହା, ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ, ଜଷ୍ଟିସ୍ ଏସ୍. ରଥ, ଜଷ୍ଟିସ୍ ଏମ୍.ଏସ୍. ସାହୁ, ଜଷ୍ଟିସ୍ ଭି. ନରସିଂହ, ଜଷ୍ଟିସ ବି.ପି. ଶତପଥୀ, ଜଷ୍ଟିସ୍ ଏମ୍.ଏସ୍. ରମଣ. ଜଷ୍ଟିସ୍ ଜି. ଶତପଥୀ ଆର୍ ଜଷ୍ଟିସ୍ ଏସ୍‌ଏସ୍ ମିଶ୍ରଙ୍କର ଦେଖ୍‌ରେଖ୍‌ଥି ଲୋକ ଅଦାଲତ ପରିଚାଳିତ ହେଇଥିଲା ।

ନୂଆପଡ଼ା/ ହୋର୍ଡିଂ ହଟା ଅଭିଯାନ　　　ଆର୍‌ଏନ୍‌ୟୁ/ କଟକ

ଆଦର୍ଶ ଆଚରଣ ବିଧି ଲାଗୁ ହେଇଥିବାର୍‌ନୁ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ - ଏନ୍‌ଏସି ଇଲାକା ନ ସରକାରୀ ଅଫିସ୍ ଆର୍ ସର୍ବସାଧାରଣ ଜାଗା ନ ରାଜନୀତିକ

ହୋର୍ଡିଂ ହଟାଯାଇଛେ । ସରକାରୀ ଯୋଜନାର ଫଳକ୍ ମାନ୍‌କୁ କଲା ପଲିଥିନ୍‌ଥି ଘୁଡ଼େଇ ଦିଆଯାଇଛେ ।

ବୌଦ୍ଧ/ ସରକାରୀ ଯୋଜନା ହୋର୍ଡିଂ ପୋଷ୍ଟର ବେନର୍

ବୌଦ୍ଧ/ସମ୍ବଦଦାତା

ଆଦର୍ଶ ଆଚରଣ ବିଧିକେ ନଜର୍‌ଥି ରଖି କରି ଜିଲ୍ଲାସଦର ମହକୁମାର ବୌଦ୍ଧ ସହର ସହେତେ ବୌଦ୍ଧ ଜିଲ୍ଲା ସବୁ ସରକାରୀ ଅଫିସ୍ ଆର୍ ସର୍ବସାଧାରଣ ଜାଗା ନ ସରକାରୀ ଯୋଜନା ବାବ୍‌ଦେ ଲାଗିଥିବା ହୋର୍ଡିଂ ପୋଷ୍ଟର ବେନର୍ ହଟାବାର୍‌କେ ପ୍ରଶାସନ ତରଫୁ ପଦକ୍ଷେପ ନିଆଯାଇଛେ । ଆଏଜ୍ ଜିଲ୍ଲାପାଳ ଜେ. ସୋନାଲ ଗୁଟେ ସାମ୍ବାଦିକ ସମ୍ମିଳନୀଥି ଇ ସୂଚନା ଦେଇଛନ୍ । ନିର୍ବାଚନ ଖର୍ଚ୍ଚା, ଆଇନ ଶୃଙ୍ଖଳା ଆର୍ ବେଆଇନ କାରବାର ଉପରେ ନଜର ରଖିବାର୍‌କେ ସ୍କ୍ୱାର୍ଡ ଗଠନ କରାଯାଇଛେ । ହେତାର୍ ସଙ୍ଗେ ଲୁକେ ଜେନ୍‌ତା ହେ ବାବ୍‌ଦେ କେନ୍‌ସି ଅଭିଯୋଗ କରିପାର୍‌ବେ ହେଥିର୍ ଲାଗି ୧୯୫୦ ହେଲ୍‌ପଲାଇନ ନମ୍ବରର ବ୍ୟବସ୍ଥା ହେଇଛେ ବଲି ଜିଲ୍ଲାପାଳ କହିଛନ୍ । ସାମ୍ବାଦିକ ସମ୍ମିଳନୀଥି ଏସ୍‌ପି ରାଜପ୍ରସାଦ ଭିଲ୍ ଉପସ୍ଥିତ ଥିଲେ ।

ବରଗଡ଼/ସାଧାରଣ ନିର୍ବାଚନ ପ୍ରେସ୍‌ମିଟ୍

ବରଗଡ଼/ସମ୍ବାଦଦାତା

ବରଗଡ଼ ଜିଲ୍ଲା ନ ନିର୍ବାଚନକେ ସ୍ୱଚ୍ଛ, ଅବାଧ ଆର୍ ନିରପେକ୍ଷ କର୍‌ବାର୍ ଲାଗି ଜିଲ୍ଲାପାଳ ଆର୍ ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲ ସମ୍‌କିରିର ସହଯୋଗ କାମନା କରିଛନ୍ । ଆଏଜ୍ ଗୁଟେ ସାମ୍ବାଦିକ ସମ୍ମିଳନୀଥି ଜିଲ୍ଲାପାଳ ଶ୍ରୀ ଗୋୟଲ ସୂଚନା ଦେଇଛନ୍ ଯେ, ଜିଲ୍ଲାର ମୋଟ୍ ୫ଟା ବିଧାନସଭା ଆସନଥି ମୋଟ୍ ୧୧ ଲାଖ୍ ୮୧ ହଜାର ୮ ଶହ ୯୩ ଝନ୍ ମତଦାତା ରହିଛନ୍ । ସେଥୁ ୫ ଲାଖ୍ ୮୬ ହଜାର ୩ଶହ ୫୩ ଝନ୍ ମହିଳା ମତଦାତା ଆନ୍ । ସେନ୍‌ତା ଜିଲ୍ଲା ନ ୪୬ ଝନ୍ ତୃତୀୟ ଲିଙ୍ଗ ଆରୁ ୧୧ ହଜାର ୧୯୩ ଝନ୍ ଦିବ୍ୟାଙ୍ଗ ମତଦାତା ଅଛନ୍ ।

ଜିଲ୍ଲା ନ ମୋଟ୍ ୧ ହଜାର ୩ଶହ ୯୭ଟା ପୁଲିଂ ବୁଥ୍ କରାଯିବା ବଲି ଜିଲ୍ଲାପାଳ କହିଛନ୍ । ନିର୍ବାଚନକେ ଶାନ୍ତିପୂର୍ଣ୍ଣ ଆର୍ ଶୃଙ୍ଖଳିତ କର୍‌ବାର୍ ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ ବଲି ଏସ୍‌ପି ପ୍ରହ୍ଲାଦ ସହାୟ ମୀନା କହିଛନ୍ ।

ବଲାଙ୍ଗିର/ଆଚରଣବିଧି/ ଲାଇସେନ୍‌ସଧାରୀ ଅସ୍ତ୍ରଶସ୍ତ୍ର ଜମା

ବଲାଙ୍ଗିର/ସମ୍ବାଦଦାତା

ଆଦର୍ଶ ଆଚରଣ ବିଧି ଲାଗୁ ହେଇଥିବାର୍‌ନୁ ବଲାଙ୍ଗିର ଜିଲ୍ଲା ସବୁ ଅସ୍ତ୍ରଶସ୍ତ୍ର ଲାଇସେନ୍‌ସଧାରୀଙ୍କୁ ନିଜର୍ ପାଖର୍ ଥାନାଥି ଅସ୍ତ୍ରଶସ୍ତ୍ର ଜମା କର୍‌ବାର୍‌କେ ପ୍ରଶାସନ ତରଫୁ ନିର୍ଦ୍ଦେଶ ଦିଆଯାଇଛେ । ଥାନା ଅସ୍ତ୍ରଶସ୍ତ୍ର ଜମାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସବୁ ଥାନାଧିକାରୀମାନ୍‌କୁ କୁହାଯାଇଛେ । ହେଲେ ବେଙ୍କ ଆର୍ ସରକାରୀ ସମ୍ପତିର୍ ଦେଖ୍‌ରେଖ୍ କାମ୍‌ଥି ଲାଗିଥିବା ସୁରକ୍ଷା କର୍ମୀମାନ୍‌କୁ ଥାନା ନ ଅସ୍ତ୍ରଶସ୍ତ୍ର ଜମା କର୍‌ବାର୍‌ନୁ ବାଦ୍ ଦିଆଯାଇଛେ ।

ବଲାଙ୍ଗିର/ ସ୍ୱାସ୍ଥ୍ୟ କର୍ମଶାଳା ଆର୍‌ଏନ୍‌ୟୁ/ କଟକ

ବଲାଙ୍ଗିର ନ ଚକ୍ଷୁ ସମସ୍ୟା ଆର୍ ତା'ର ନିରାକରଣ ବାବ୍‌ଦେ ଗୁଟେ ସ୍ୱାସ୍ଥ୍ୟ କର୍ମଶାଳା ହେଇଯାଇଛେ । ହେଥି ୩ଶହନୁ ଅଏତ୍‌କା ଆଶା ଆର୍ ଅଙ୍ଗନୱାଡ଼ି କର୍ମୀ ଆର୍ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନେ ଭାଗ ନେଇଥିଲେ ।

ଦେବଗଡ/ ଆଦର୍ଶ ଆଚରଣ ବିଧି

ଦେବଗଡ଼/ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ନ ଆଦର୍ଶ ଆଚରଣ ବିଧି କଡ଼ା କଡ଼ି ଲାଗୁ କର୍‌ବାର୍‌କେ ଜିଲ୍ଲା ପ୍ରଶାସନ ତରଫୁ ୫ଟା ଫ୍ଲାଇଂ ସ୍କ୍ୱାର୍ଡ ଆର୍ ଫିʼ ବ୍ଲକ୍, ମ୍ୟୁନିପାଲଟି ଇଲାକା ନ ଏମ୍‌ସିସିଏମ୍ ଫୋର୍ସ ଟିମ୍

କରାଯାଇଛେ ବଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ । ସେ କହିଛନ୍ ଯେ, ଜିଲ୍ଲା ନ ମୋଟ୍ ୨ ଲାଖ୍ ୫୦ ହଜାର ୨ ଶହ ୨୨ ଝନ୍ ପଂଜୀକୃତ ମତଦାତା ଥିବାର୍ ବେଲେ ଲାଖେ ୨୫ ହଜାର ୧୭୩ ଝନ୍ ମହିଲା ଆର୍ ୧୭ ଝନ୍ ତୃତୀୟ ଲିଙ୍ଗ ମତଦାତା ଅଛନ୍ । ଜିଲ୍ଲା ନ ୩ଶହ ଅଡତିରିଶ ଟା ମତଦାନ କେନ୍ଦ୍ରଥି ଭୋଟ୍ ଗ୍ରହଣ କରାଯିବା ବଲି ଜିଲ୍ଲାପାଳ ସୂଚନା ଦେଇଛନ୍ ।

ଆଯୋଗ୍ୟ ପ୍ରାର୍ଥୀ ତାଲିକା ଆର୍ଏନ୍ୟୁ/ କଟକ

ନିର୍ବାଚନ ଆୟୋଗ  ଜାରି କରିଥିବା ଅଯୋଗ୍ୟ ପ୍ରାର୍ଥୀ ତାଲିକାଥି ଓଡ଼ିଶାର ୩୫ ଝନ୍କର ନାଁ ରହିଛେ । ସେମାନ୍କର୍ ଭିତ୍ରୁ ୩ ଝନ୍ ଗଲା ନିର୍ବାଚନଥି ଲୋକସଭା ଆସନ୍ ଲାଗି ଆର୍ ୩୨ ଝନ୍ ବିଧାନସଭା ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ନିର୍ବାଚନ ଖର୍ଚ୍ଚା ବିବରଣୀ ଦାଖଲ ନାଇଁ କରିଥିବାର୍ନୁ  ଜନପ୍ରତିନିଧି ଆଇନ୍ ୧୯୫୧ର ଧାରା - ୧୦-ଏ ଅନ୍ସାରେ ସେମାନ୍କୁ ୩ ବଛର୍ ଲାଗି ନିର୍ବାଚନ ଲଢ଼୍ବାର୍କେ ଅଯୋଗ୍ୟ ଘୋଷଣା କରାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ କଟକ

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫୁ ରାଜ୍ୟର ୧୪ଟା ଜିଲ୍ଲାକେ କାଳ ବୈଶାଖୀ ଲାଗି ସର୍ତକ

କରାଯାଇଛେ । ସୂଚନା ଅନ୍‌ସାରେ ଆଏବା କାଏଲ୍ ସଖାଲ୍ ତକ୍ ପଶ୍ଚିମଓଡ଼ିଶାର ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗିର, ନୂଆପଡ଼ା, କଲାହାଣ୍ଡି, ସହେତେ ସମୁଦ୍ର ଖଣି ଆର୍ ଦକ୍ଷିଣ ଓଡ଼ିଶାର ଜିଲ୍ଲାମାନ୍‌କର୍ ଗୁଟେ ଜୁଡ଼େ ଜାଗା ନ ଘଡ଼ଘଡ଼ି ସାଙ୍ଗେ ହଲ୍‌କାନୁ ମଧ୍ୟମ ବର୍ଷା ହେଇପାରେ ।

ସେଆଡ଼େ ଆଏଜ୍ ରାଜ୍ୟର ଦିନର୍ ସବୁନୁ ଜହ ତାତି ବଲାଙ୍ଗିର ଆରୁ ତାଲଚେର ନ ରେକର୍ଡ କରାଯାଇଛେ । ଦୁହି ଜାଗା ନ ସବୁନୁ ଜହ ତାତି ୩୬ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ସେନ୍‌ତା ଦିନର୍ ଜହ ତାତି ପଶ୍ଚିମଓଡ଼ିଶାର ସମ୍ବଲପୁର ନ ୩୫ ଦଶମିକ ୬, ଝାରସୁଗୁଡ଼ା ନ ୩୪ ଦଶମିକ ୮, ସୁବର୍ଣ୍ଣପୁର ନ ୩୪ ଦଶମିକ ୨, ବରଗଡ଼ ନ ୩୪ ଦଶମିକ ୧, ଦେବଗଡ଼ ନ ୩୪, ଭବାନୀପାଟଣା ନ ୩୨ ଦଶମିକ ୫ ଆର୍ ନୂଆପଡ଼ା ୩୨ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା ।